ORIYA (P)

(1)

(1) — 30/0

"Daridra Niau" in Oria, Govt of Orissa. 3-6-37
Oriya

ଆହୁତି ( ୨ )

# ଦରିଦ୍ର ନିଆଁ ।

ଲେଖକ—ଗଙ୍ଗାଧର ମିଶ୍ର

ପ୍ରକାଶକ—ଅନ୍ତସତ୍ୟାଗ୍ରହୀ ଶ୍ରୀଯୁକ୍ତ ବାମଦେବ ଦାସ ।

ପ୍ରଥମ ସଂସ୍କରଣ ।

ମୂଲ୍ୟ ୦°/୬ ତିନପଇସା ମାତ୍ର ।

1702

NATIONAL ARCHIVES LIBRARY
No 3010
Date 13.3.72
GOVT. OF INDIA

ଭାଇ ।

'ଦୁନ୍ଦୁଭି' ର ପ୍ରଥମ ଅଗ୍ନିକଣା 'ଉଷାସ୍ୱଇ' ପ୍ରକାଶ ପାଇଅଛି । ବର୍ତ୍ତମାନ "ଦରିଦ୍ର ନିଆଁ" ଆପଣଙ୍କ ଆଗର ପ୍ରକାଶିତ ହୋଇ ସେ ଅଗ୍ନିକଣାକୁ ବର୍ଦ୍ଧିତ କରିବ । ତାପରେ ଅନ୍ୟ ଅଗ୍ନିଖଣ୍ଡ ଆସ୍ତେ ଆସ୍ତେ ଜଳି ପ୍ରଚଣ୍ଡ ଶିଖା ଧାରଣ କରି ମହାବହ୍ନି ସୃଷ୍ଟି କରିବ । ଇତି ।

ଲେଖକ

# ଦରିଦ୍ର ନିଆଁ ।

କାହାଲାଗି ପୃଥ୍ୱୀ ଆଜି ଧନର ଭଣ୍ଡାର,
କାହାଲାଗି ଚଳୁଛନ୍ତି ଧନୀ, ଜମିଦାର, ଚୃଷୀ ମୂଲିଆଙ୍କରେ ।
କାହାଲାଗି ଚଳୁଅଛି ଏସାରା ସଂସାର,
କାହା ଲାଗି ସୁନା, ରୂପା, କୋଇଲା, ପଥର । ଘୃ । ୧ ।
ତୁହି ସେହି ବିଶ୍ୱପୋଷୀ ଚୃଷୀ ମଜଦୁର;
ତୋହ ଲାଗି ଧନୀ କାଟେ ସୁଖର ସଂସାର । ଘୃ । ୨ ।
ତୁ ପୁଣି ହୋଇଛୁ ଆଜି ସବୁରି ଶିକାର,
ଆଧୁନିକ ସାମାଜିକ ଶୋଷଣ ନୀତିର । ଘୃ । ୩ ।
ଲାଭାନ୍ୱେଷୀ ପୁଞ୍ଜିପତି ମାନେ ସମାଜର,
ଯୁଦ୍ଧ ପ୍ରିୟ ରାଜତନ୍ତ୍ରୀ ଠକ ଜମିଦାର । ଘୃ । ୪ ।
ସୁଧ ଲୋଭୀ ସାହୁକାର, ଓକିଲ, ମୁକ୍ତାର,
ଆଇନ ନାମରେ ଦ୍ୱାହି ଦେଇ ବାରମ୍ବାର । ଘୃ । ୫ ।
ନାନାମତେ ସମାଜରେ ଅଶାନ୍ତି ବଢାଇ,
ଶ୍ରମିକ ମାନଙ୍କ ମୂଲ ନିଅନ୍ତି ଛଡ଼ାଇ । ଘୃ । ୬ ।

Acc. 775
3.6.37

ଢଳେ ଢଳେ ରକ୍ତ ତୋର ଶୋଷଣ କରନ୍ତି ।
ତେଣୁ ଜଗତେ ଆସିଛୁ ଦୁଷ୍ଟ ପରସ୍ତିତି । ଗୁ । ୭ ।
କୃଷୀ ମୂଲିଆ ସମାଜୁ ଖଟି କରି ଖାଇ,
କୁ ବଳିଏ ଲୋକଠାରୁ ବୈଭବ ପାଏ । ଗୁ । ୮ ।
କମର ଶାଳର ନିଆଁ କେତେ ଲୁହା ପୋଡ଼ି
କି ଅସାଧ ସାଧୁଅଛୁ ତୋ ହାତ ହାତୁଡ଼ି । ଗୁ । ୯ ।
ବଢ଼ାଇ ହାତରେ ସବୁ କୃଷୀର ସମ୍ବଳ,
ଶଗଡ଼ର ଅଖ, ଚକ, ଜୁଆଳି ଲଙ୍ଗଳ । ଗୁ । ୧୦ ।
କବାଟ, ପଟା, ଚଉକି, ବେଏଞ୍ଚ, ମେଏଜ;
ତିଆରି କରି ଧନୀଏ ମାରନ୍ତି ମଉଜ । ଗୁ । ୧୧ ।
ଖରା, ବରଷା ଯେ ଶୀତ କାକରରେ ପଡ଼ି,
ତିଆରୁଛ ଟାଇଲି, ଇଟା, ବରଗା କଡ଼ି । ଗୁ । ୧୨ ।
ଏକତାଲା, ଦୁତାଲା, ତିତାଲା, ଚଉତାଲା,
ଗଢ଼ିବାରେ ତୋ ଦେହରୁ ଯେତେ ରକ୍ତ ଗଲା । ଗୁ । ୧୩ ।
ସେ ରକ୍ତ ପୂରଣ ପାଇଁ ଦିନ ରାତି ଖଟି,
ଖଣ୍ଟି ଖଣ୍ଟି ହୋଇ ତୋର ଅଙ୍ଗ ଆଣୁ ଗଣ୍ଠି । ଗୁ । ୧୪ ।
ଷୋଳ ଘଡ଼ି କାମ କରି ନ ଅଣ୍ଟାଇ ତୋତେ,
ତେଣୁ ଦରିଦ୍ର ହୋଇଛୁ ଭୁଲୁଚୁ ଜଗତେ । ଗୁ । ୧୫ ।
ଦିନ ସାରା ଖଟି ଖଟି ଦୁଅଣା ପଇସା,

ପେଟ ପାଇଁ ହେଉଅଛୁ କେତେ ଲୋକ କଷଣା । ଘୃ ।୧୬।
ଟେକିପୂରା ଖାଇବାକୁ ତୋତେ ମିଳେନାହିଁ ,
ଜମିଦାର ଘରକୁ ତୋ ଧନ ଯାଏ ବହି । ଘୃ ।୧୭।
ପିନ୍ଧିବାକୁ ମିଳୁନାହିଁ ଲୁଗା ଦୁଇଖଣ୍ଡ,
ଅକାଳେ ତେଲ ନଦେଖେ ମୂଳଆଉ ମୁଣ୍ଡ । ଘୃ ।୧୮।
ମଳିମୁଣ୍ଡ ମ୍ଳେଚ୍ଛ ବୋଲି ପାଉ ସମ୍ବୋଧନ,
ଟନାଲୁରେ ଜମା କରି ରଖି ତୋର ଧନ । ଘୃ ।୧୯।
ଧନୀ, ଜମିଦାର ତୋତେ ମାରିବେ ଖଟାଇ.
କଅଁଳ କଥା କହିଣ ନିଅନ୍ତି ଭୁଲାଇ । ଘୃ ।୨୦।
ଅମୃତମୟ ବଚନେ ଭୁଲିଯାଉ ତୁହି,
ଆଗ ପଛ ଭଲ ମନ୍ଦ ବିଚାର ନ ଗୁହିଁ । ଘୃ ।୨୧।
ବନ୍ଧୁ ଜଣ ଙ୍କୁ ତୋର ଶୋଷେ ସାହୁକାର,
ପାଞ୍ଚଟଙ୍କା ଦେବାପାଇଁ ଲଗାଏ ଫିକର । ଘୃ ।୨୨।
ଦରକାର ବେଳେ କି ଦ୍ୱାରେ ହୋଇ ଉପଗତ,
ହ୍ୟାଣ୍ଡନୋଟ ଲେଖିନିଏ ସମ୍ପତ୍ତି ସମସ୍ତ । ଘୃ ।୨୩।
ପଇଁଶି ସୁଝିଲେ ତାର ଶୋଧ ନ ପୂରଇ,
ମାସେ ଗଲେ ପୁଣି ଏକ ପିଆଦା ଆସଇ । ଘୃ ।୨୪।
ଫନ୍ଦି ଜାଲ ଫିକରରେ ତୋ ଦେହ ଗଳିତ,
ସାହୁକାରଙ୍କ ଦ୍ୱାରା ନଷ୍ଟ ହେଉଛୁ ଶୋଷିତ । ଘୃ ।୨୫।

କାଙ୍ଗାଳ, ପଥ ଭିକାରୀ ବେଶ ପିନ୍ଧା ଦେଖି,
ତଥାପି ଭରନ୍ତି ଗୃହେଁ ତା ଦର୍ଦ୍ଧ୍ୟ ଆଖି । ଗୁ ॥ ୨୬ ॥
ଛୋଟବଡ ଠକ ଧନୀ ଜମିଦାର ସାହୁକାର,
ତୋ ଧନରେ ତ କରନ୍ତି ଯେତେକ କୋଠାଘର । ଗୁ । ୨୭ ।
ତୋ ଧନରେ କୋଠାବାଡି ଦେଉଳ ଅଟ୍ଟାଳି,
ପେଟ ଭରା ତୋ ଦିନ ନ ସରେ ଖାଲି ଖାଲି । ଗୁ । ୨୮ ।
ମହାନ୍ତ, ପଣ୍ଡିତ, ସାଧୁ ଓକିଲ ଯେତେକ,
ବଡ ଲୋକ କଡ଼ଲୋକ ପଡ଼ିଅଛନ୍ତି ଡାକ । ଗୁ । ୨୯ ।
ମଞ୍ଚକରେ ଖଟ ଗଦି ତୁଳା ଶେଯେ ଶୋଇ,
ତୋ ଝାଳବୁହା ରକତେ ତା ପେଟ ବଢଇ । ଗୁ । ୩୦ ।
ତୁ ବୁଲୁଛୁ ଦ୍ୱାରେ ଦ୍ୱାରେ ଦାନା ଜନା ବନା,
ଯେତେ ଅର୍ଜିଲେ ନଯାଏ ଉଦର ବେଦନା । ଗୁ । ୩୧ ।
ମଦ, ବେଶ୍ୟା, ନାଟ, ଗୀତ, ବ୍ୟସନ, ବିଳାସୀ,
ସୁଗନ୍ଧ ତେଲ, ଚନ୍ଦନେ ତାଙ୍କ ମଜଲିସି । ଗୁ । ୩୨ ।
ତୋର ଘର ବରଷକେ ନହୁଏ ଛପର,
ବରଷା ଦିନରେ କେତେ ହେଉ ହରବର । ଗୁ । ୩୩ ।
ସ୍ଥାନ ଟିକିଏ ନପାଉ ମୁଣ୍ଡ ଗୁଞ୍ଜିବାକୁ,
ଘଡ଼ ଘଡ଼, ବିଜୁଳିରେ ଥରେ ତୋର ବୁକୁ । ଗୁ । ୩୪ ।
ତୋର ଶରୀରୁ ଯେ ଆସେ ପୁଷ, ମାଘ ମାସ,

କରଷାକ୍ଷେତ୍ରୁ କରଣ ଥାଏ ହୀନ ବାସ । ଗୃ ॥ ୩୫ ॥
ମଳିନ ଶଯ୍ୟାରେ ଛିଣ୍ଡା ବସନ ଘୁଡ଼ାଇ,
ଧାନ କାଟି ଯାଉ ଶୀତେ ଥୁରୁଥୁରୁ ହୋଇ । ଗୃ । ୩୬ ।
କେହି କାହା ଦୁଃଖ ସୁଖେ ନହେଉଛ ଭାଗି,
ନିଜ ହିତ ଲାଗି ଯେବେ ହେବେ ଅନୁରାଗୀ । ଗୃ । ୩୭ ।
ହୋଇଲେ ଏକତ୍ର ଦୁନିଆର ଚାଷୀକୁଳ,
ରାଜ୍ୟଲୋଭୀ, ଧନଲୋଭୀ ହେବେ ଟଳମଳ । ଗୃ । ୩୮ ।
ତୁମ୍ଭ କାନ୍ଧେ କାନ୍ଧବାନ୍ଧି ରହିବେ ମୂଲିଆ,
ତାଙ୍କ ପେଟୁଁ ଜାତ ହେବ ଦରିଦ୍ରତା-ନିଆଁ । ଗୃ । ୩୯ ।
ଧୂ ଧୂ ଶିଖା ଟେକି ଜଳିବ ପ୍ରଖରେ ;
ଜାଗ ଜାଗ ରଡ଼ିଗୁଡ଼ି ନଗରେ ନଗରେ । ଗୃ ।୪୦।
ସେ ନିଆଁ ଉତ୍ତାପେ ଜାଗି ଉଠିବେ ସମସ୍ତ .
ଦୁଃଖୀ, ରଙ୍କି , ଶୋଷି, ଭୋକି, ମୂଲିଆ ଜଗତ । ଗୃ । ୪୧ ।
ଧରିବେ ସେ ନିଆଁ ହୁଳା ହାତେ ଏକେ ଏକ,
ଜଗତର ବପ୍ନ୍ଧା ଭୋଳି ପକାଇ ଚମକ । ଗୃ । ୪୨ ।
ସେ ଚମକେ ଚମକିବେ ଧନୀକ ସମାଜ,
ସେହିଦିନରୁ ହୋଇବ ମୂଲିଆର ରାଜ୍ୟ । ଗୃ । ୪୩ ।
ଲାଗିବ ଧନୀ, ନିର୍ଦ୍ଧନ ମଧ୍ୟରେ ସଂଘର୍ଷ,
ରାଜ୍ୟଲୋଭୀ ରାଜାଙ୍କେ ଧନୀଙ୍କୁ ସାହସ । ଗୃ । ୪୪ ।

ରାଜ୍ୟଲୋଭୀ ଧନଲୋଭୀ ହେବେ ଏକଜୁଟ,
ଆଇନ କାନୁନ ବଳେ ଦେବେ କେତେ କଷ୍ଟ । ଘୁ । ୪୫ ।
ସେ କଷ୍ଟକୁ ଝାଡିଦେବ ତୋ ଦଣ୍ଡ ନାଆଁ,
ଦେଖିଣ ଧର୍ମ ଏ ଭଣ୍ଡ ଉଡ଼ାଇବେ ଗୁଣ ନାଆଁ । ଘୁ । ୪୬ ।
ତେଣୁ ଟିକେ ତୁମ୍ଭେ ଦେଉଳ ଅଛ ସମସ୍ତ,
ମସଜିଦ୍ ଚର୍ଚ୍ଚ ଆଦି ଧର୍ମ ପୁରୋହିତ । ଘୁ । ୪୭ ।
ପୋଡ଼ିଦେବ ରାଜ୍ୟ ଧନ ଲୋଭୀଙ୍କ ଆଇନ,
ପୋଡିଦେବ କଳ କାରଖାନାବାଲା ମନ । ଘୁ । ୪୮ ।
ମିଲ ମାଲିକର ଧନ ଲୋଭ ପୋଡ଼ି ଦେବ,
ସାହୁକାର, ଜମିଦାର ଲୋଭ ପୋଡ଼ିଯିବ । ଘୁ । ୪୯ ।
ସେ ପୋଡ଼ା ପାଉଁଶରେ ନୂଆ ରାଜ୍ୟ ଗଢ଼ା ହେବ,
ନୂଆ ଆଇନ କାନୁନ ମୂଲିଆ ଗଢ଼ିବ । ଘୁ । ୫୦ ।
କୃଷୀ ସମ୍ପ୍ରଦାୟ ହେବ ଜମିର ମାଲିକ,
ମୂଲିଆ ରାଜ୍ୟରେ ନରହିବ ଶୋଷକ ଲୋକ ଘୁ । ୫୧
ରହିବେ ଆନନ୍ଦେ ଆଠଘଣ୍ଟା କାମକରି,
ନରହିବ ବେସରକାରୀରେ ଜାଲ ନୂଆ ଗୁଣ । ଘୁ । ୫୨ ।
ନରହିବ ଜମିଦାର, ନାହିଁ ସାହୁକାର,
ରହିବନାହିଁ ବେଗାର, ବେଠି ଅତ୍ୟାଚାର ଘୁ ୫୩ ।
ଧରିବେ ଆନନ୍ଦେ ବୃକ୍ଷ, ଲତା, ଫୁଲ ଫଳ,

ଶୀତରାଇ ଚଷାମାନେ ବୁଲାଇବେ ହଳ, । ଘୁ । ୫୪ ।
ଆନନ୍ଦରେ ମଜୁରିଆ କାମରେ ଲାଗିବ,
ଆନନ୍ଦ ଉତ୍ସବ ଘରେ ଘରେ ଖେଳି ଯିବ । ଘୁ । ୫୫ ।
ସମସ୍ତ ସଂସାର ନୂଆରୂପେ ଗଢାହେବ,
ଧ୍ୱଂସ ପରେ ସୃଷ୍ଟି ଏହା ଜଗତ ଦେଖିବ । ଘୁ । ୩୬ ।
ତୁମ୍ଭର ହାତେ ହୋଇବ ଅସାଧ୍ୟ ସାଧନ,
ତୁମ୍ଭେ ନଥିଲେ ସବୁ ହେବ ଅକାରଣ । ଘୁ । ୫୭ ।
ରୁଷିଆ ଦେଶ ଶାସନ ଆଦର୍ଶେ ଡାକଇ,
ଉଠରେ ଉଠରେ କୃଷୀ ମଜୁରିଆ ଭାଇ । ଘୁ । ୫୮ ।

—୦—

ସମାପ୍ତ

Printer B. Mohanty
TheJagannath Press, Puri.
1936.

1-16번 3

[illegible]